

ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
-ବ୍ୟାସଦେବ





ଜୟପୁରରେ ତିନିଠାକୁରଙ୍କ ସୁନାବେଶ।



ଦାମନଯୋଡ଼ିରେ ସୁନାବେଶରେ ତିନି ଠାକୁର।



ସୁନାବେଡ଼ାରେ ଶ୍ରୀଜୀଉଙ୍କ ସୁନାବେଶ।

# ସୁନାବେଶ ଦେଖି ଭକ୍ତ ବିଭୋର

କୋରାପୁଟ/ଜୟପୁର,୧୩।୭ (ସ୍ୱ.ପ୍ର./ଡି.ଏନ୍.ଏ./ନି.ପ୍ର.)

କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ରରେ ଶନିବାର ଅପରାହ୍ନରେ ତିନିଠାକୁରଙ୍କ ସୁନାବେଶ ହୋଇଥିବାବେଳେ ଏହାକୁ ଦର୍ଶନ କରି ହଜାର ହଜାର ଭକ୍ତ ବିଭୋର ହୋଇଛନ୍ତି। ସକାଳୁ ରଥରେ ତିନିଠାକୁରଙ୍କ ସମସ୍ତ ପୂଜାର୍ଚ୍ଚନା କରାଯାଇଥିଲା । ମଧ୍ୟାହ୍ନରେ ମହାପ୍ରସାଦ ଲାଗୁ ହେବା ପରେ ଠାକୁରଙ୍କ ପହଡ଼ ପଡ଼ିଥିଲା। ଅପରାହ୍ନ ୩ଟାରେ ତିନିଠାକୁରଙ୍କୁ ମନ୍ଦିରରେ ଥିବା ଭଣ୍ଡାର ଘରୁ ସ୍ୱର୍ଣ୍ଣ ଅଳଙ୍କାର ଅଣାଯାଇ ରଥରେ ବେଶ କରାଯାଇଥିଲା। ପରେ ଅପରାହ୍ନ ୪ଟା ୩୫ରେ ସାହାଣମେଲା କରାଯାଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ଶ୍ରୀଜୀଉ। ଏହି ଦୁର୍ଲ୍ଲଭ ବେଶ ଦେଖିବା ପାଇଁ ଜିଲା ଓ ବାହାରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ରାତି ୮ଟାରେ ଶ୍ରୀଜୀଉଙ୍କଠାରେ ଅଧରପଣା ଲାଗି କରାଯାଇଥିଲା। ଶାନ୍ତି ଶୃଙ୍ଖଳା ଓ ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା ପାଇଁ କୋରାପୁଟ ଟାଉନଥାନା ଅଧିକାରୀ ବାସୁଦେବ ଛତ୍ରିଆଙ୍କ ନେତୃତ୍ୱରେ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

ସେହିପରି ରଥପଡିଆରେ ଚତୁର୍ଦ୍ଧା ମୁରତିଙ୍କ ବଡ଼ରଥ ଓ ପତିତପାବନଙ୍କ ସାନରଥକୁ ଅପରାହ୍ନ ୪ଟାରେ ମାଉସୀ ମା' ମନ୍ଦିରରୁ ଭକ୍ତମାନେ ଟାଣିନେଇ ଶନିବାର ସନ୍ଧ୍ୟା ୬ଟାରେ ପହଞ୍ଚାଇଥିଲେ। ସନ୍ଧ୍ୟାରେ ରଥ ପଡିଆରେ ବଡ଼ରଥ ଓ ସାନରଥ ପହଞ୍ଚିବା ପରେ ସେଠାରେ ପରମ୍ପରା ଅନୁଯାୟୀ ରଘୁନାଥ ମନ୍ଦିର ପକ୍ଷରୁ ଭୋଗରାଗ ସହ ଚତୁର୍ଦ୍ଧା ମୁରତିଙ୍କ ସମେତ ପ୍ରଭୁ ରାମଚନ୍ଦ୍ରଙ୍କୁ ପୂଜାର୍ଚ୍ଚନା, ସାନ୍ଧ୍ୟା ଆଳତୀ କରାଯାଇଥିଲା । ରାତି ୮ଟାରେ ତିନି ଠାକୁରଙ୍କୁ ରୁପା ଓ ସୁନା ଅଳଙ୍କାର କୀରଟି, କମରପଟ୍ଟା ଏବଂ ମାଳ ଆଭୂଷଣ କରାଯାଇଥିଲା।







କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ସୁନାବେଶ।

## ସଂକ୍ଷେପରେ

### ରଥ ଅଖ ତଳେ ଚାପିହୋଇ ମୃତ୍ୟୁ

ନନ୍ଦପୁର,୧୩।୭(ଡି.ଏନ୍.ଏ.): କୋରାପୁଟ ଜିଲା ନନ୍ଦପୁର ସଦରରେ ଶୁକ୍ରବାର ବାହୁଡ଼ା ଯାତ୍ରା ପାଇଁ ରଥଟଣା ବେଳେ ରଥ ଅଖ ତଳେ ଚାପିହୋଇ ଜଣେ ଗୁରୁତର ହୋଇଥିଲେ। ଶନିବାର ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଧନ ଖରା (୫୦)। ବାହୁଡ଼ା ଦିନ ରାସ୍ତା ପାର୍ଶ୍ୱରେ ସେ ଠିଆ ହୋଇଥିବା ବେଳେ ରଥ ଅଖ ତଳେ ଚାପି ହୋଇଯାଇଥିଲେ। ଏଥିରେ ଗୁରୁତର ଅବସ୍ଥାରେ ତାଙ୍କୁ କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଏନେଇ କେସ୍ ନମ୍ବର ୧୨/୧୯ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ୩ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ସହାୟତା



କୋରାପୁଟ,୧୩।୭(ସ୍ୱ.ପ୍ର.): କୋରାପୁଟ ଜିଲାରେ ପୃଥକ୍ ଘଟଣାରେ ଶୁକ୍ରବାର ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାରକୁ ଶନିବାର ଜିଲା ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଲେଖାଏଁ ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯାଇଛି। ଶୁକ୍ରବାର ନନ୍ଦପୁର ରଥଚକ ତଳେ ପଡ଼ି ଗୁରୁତର ହୋଇ କୋରାପୁଟ ମେଡିକାଲରେ ଚିକିତ୍ସିତ ହେଉଥିବା ଧନ ଖରାଙ୍କ ଶନିବାର ମୃତ୍ୟୁ ହୋଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ କୋରାପୁଟ ବ୍ଲକ ଡକରା ଗ୍ରାମ ନିକଟରେ ଅଟୋ ଦୁର୍ଘଟଣାରେ ଘଟଣାସ୍ଥଳରେ କମଳଲୋଚନ ମୁଦୁଲିଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଥିବା ଦୁର୍ଯ୍ୟୋଧନଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ହୋଇଥିଲା। ଏଥିରେ ୩ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ସହାୟତା ପ୍ରଦାନ ବେଳେ ଜିଲା ଜରୁରୀ ବିଭାଗର ମୁଖ୍ୟ କିରାଣି ପ୍ରକାଶ ସାମଲଙ୍କ ସମେତ କୋରାପୁଟ ବିଧାୟକ ରଘୁରାମ ପଡାଲ ଓ ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ ଉପସ୍ଥିତ ଥିଲେ।

### ସାପ କାମୁଡ଼ାରେ ଯୁବତୀ ଗୁରୁତର

ହିଞ୍ଜିଲିକାଟୁ,୧୩।୭(ଡି.ଏନ୍.ଏ.): ହିଞ୍ଜିଳି ଥାନା ଶିକିରି ଗ୍ରାମରେ ଶନିବାର ସନ୍ଧ୍ୟାରେ ସାପ କାମୁଡ଼ାରେ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ସେ ହେଲେ ଜ୍ୟୋତ୍ସ୍ନା କିରଣ (୨୨)। ଜ୍ୟୋତ୍ସ୍ନା ଶନିବାର ସନ୍ଧ୍ୟାରେ ଘରେ କାମ କରୁଥିବା ବେଳେ ବାହାରୁ ଏକ ସାପ ପଶିଆସି ତାଙ୍କୁ କାମୁଡି ଥିଲା। ପରିବାର ଲୋକେ ଜ୍ୟୋତ୍ସ୍ନାଙ୍କୁ ହିଞ୍ଜିଳିକାଟୁ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ।

■ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ଓକିଲଙ୍କ ଆନ୍ଦୋଳନ

# ୪ ଜିଲାରେ ଲୋକ ଅଦାଲତ ବନ୍ଦ

ଜୟପୁର,୧୩।୭(ଡି.ଏନ୍.ଏ./ନି.ପ୍ର.)

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ କେନ୍ଦ୍ରିୟ ସମନ୍ୱୟ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି ଅନୁଯାୟୀ ଜୟପୁରସ୍ଥିତ ଜିଲା ଆଇନଜୀବୀ ସଂଘ ଗତ ଗୁରୁବାରଠାରୁ ସମସ୍ତ କୋର୍ଟରେ ତାଲା ପକାଇଛି। ଶନିବାର ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଲୋକ ଅଦାଲତ ମଧ୍ୟ ଆନ୍ଦୋଳନ ପାଇଁ ବନ୍ଦ ହୋଇଛି ।

୮ ମାସ ହେଲା ଜୟପୁର ଜିଲା କୋର୍ଟ ଆଇନଜୀବୀ ସଂଘ ସ୍ଥାୟୀ ବେଞ୍ଚ ଦାବି ନେଇ କୋର୍ଟ ବର୍ଜନ ଓ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛି। ପୂର୍ବରୁ ଜାତୀୟ ଓ ରାଜ୍ୟସ୍ତରୀୟ ଲୋକ ଅଦାଲତ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆୟୋଜନ କରାଯାଉଥିଲା। ଆଇନଜୀବୀମାନେ କେବଳ ଏହାକୁ ବିରୋଧ ସହ ବର୍ଜନ କରୁଥିଲେ। କିନ୍ତୁ ଚଳିତ ମାସରେ କେନ୍ଦ୍ରିୟ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି କ୍ରମେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗକୁ ଜୋରଦାର କରାଯାଇଛି । ଶନିବାର ପୂର୍ବାହ୍ନରେ ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟ ଭବନ ସମ୍ମୁଖରେ ଆଇନଜୀବୀମାନେ ଧାରଣା ଦେବା ସହ ଭବନର ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲାଜଜ୍ ବିମଳ ଚାନ୍ଦ ଓ ଅନ୍ୟ ଜଜ୍‌ମାନେ ନିର୍ଦ୍ଧାରିତ ସମୟରେ କାର୍ଯ୍ୟାଳୟରେ ପହଞ୍ଚିଥିଲେ ମଧ୍ୟ ସେମାନଙ୍କୁ ଭିତରକୁ ଛଡ଼ାଯାଇ ନଥିଲା। ଜାତୀୟ ଲୋକ ଅଦାଲତ ବନ୍ଦ କରାଯିବା ସହ ନୋଟିସ ପାଇଥିବା ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ଏବଂ ମହକିଲଙ୍କୁ ମଧ୍ୟ ଭିତରକୁ ପ୍ରବେଶ କରାଇ ଦିଆଯାଇ ନଥିଲା। ୩୧ ତାରିଖ ପର୍ଯ୍ୟନ୍ତ କୋର୍ଟରେ ତାଲା ପଡ଼ି ବନ୍ଦ ରହିବ। ଅବିଭକ୍ତ କୋରାପୁଟର ସମସ୍ତ ୪ଟି ଜିଲାରେ ମଧ୍ୟ ଜାତୀୟ ଲୋକ ଅଦାଲତ ବନ୍ଦ କରାଯାଇଛି। ଜୟପୁର ଆନ୍ଦୋଳନରେ ଜିଲା ଆଇନଜୀବୀ ସଂଘ ସଭାପତି ସରୋଜ ନାୟକ, ସମ୍ପାଦକ ରବୀନ୍ଦ୍ର ପାତ୍ର, ଉପସଭାପତି ଶରତ ମାଝି, ସହ ସମ୍ପାଦକ ଗିରିଧର ଖରା, କୋଷାଧ୍ୟକ୍ଷ ହରିଶ ମୁଦୁଲି, ସଦସ୍ୟ ବିଜୟ ରାୟ ଜେନା ଦେଓ, ଶିବ ପାଢ଼ୀ, ଉମାକାନ୍ତ ସାହୁ, ଦିବାକର ରାଓ, ନବୀନ ଚୌଧୁରୀ ଉପସ୍ଥିତ ଥିଲେ।



ଲୋକ ଅଦାଲତ ବନ୍ଦକରି ଧାରଣାରେ ବସିଛି ଜୟପୁର ଜିଲା ଆଇନଜୀବୀ ସଂଘ।

# କାର୍ଯ୍ୟ ବନ୍ଦକଲେ ମହିଳା ସ୍ୱାସ୍ଥ୍ୟକର୍ମୀ

■ ଦାବି ପୂରଣ ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ



ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣାରେ ବସିଛନ୍ତି ସ୍ୱାସ୍ଥ୍ୟକର୍ମୀ।

ଦଶମନ୍ତପୁର,୧୩।୭(ଡି.ଏନ୍.ଏ.)

ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଶନିବାର ମହିଳା ସ୍ୱାସ୍ଥ୍ୟକର୍ମୀ ୬ ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଛନ୍ତି। ଏହି ବ୍ଲକରେ ୨୩ଟି ସବ୍‌ସେଣ୍ଟର ରହିଛି । ସେଥିରେ କେତେକ ମହିଳା ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟ କରୁଥିବା ବେଳେ ଜଣେ ସ୍ୱାସ୍ଥ୍ୟ ନିରୀକ୍ଷକ ମଧ୍ୟ ରହିଛନ୍ତି। ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ କହିବାନୁସାରେ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ଉଚିତ ପ୍ରାପ୍ୟ ଦିଆଯାଉଛି, ହେଲେ ଆମକୁ କାହିଁକି ଅଣଦେଖା କରାଯାଉଛି। ସେମାନଙ୍କ ୬ ଦଫା ଦାବି ମଧ୍ୟରେ ରହିଛି ୫ ମାସର ଦରମା, ସପ୍ତମ ବେତନ ଅନୁସାରେ ୪୦ ପ୍ରତିଶତ ଏରିୟର, ଡିଏ ପ୍ରଦାନ, ୩ ବର୍ଷର କଣ୍ଟିଜେନ୍ସି ପ୍ରଦାନ, ଇନ୍‌କ୍ରିମେଣ୍ଟ, ଆରସିଏମ୍ ପ୍ରଦାନ। ଦାବି ପୂରଣ ନ ହେବା ଯାଏ କର୍ମକ୍ଷେତ୍ରରେ ଯୋଗଦେବୁ ନାହିଁ ବୋଲି ସେମାନେ କହିଥିଲେ। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୀବନଜ୍ୟୋତି ଜେନା କହିଥିଲେ ଡାଇରିଆ ଓ ମ୍ୟାଲେରିଆ ରୋକିବା ପାଇଁ ସ୍ୱାସ୍ଥ୍ୟକର୍ମୀ ନିଜ କେନ୍ଦ୍ରରେ ରହିବା ଜରୁରୀ। କାମ କରିଚାଲ, ଦାବି ପାଇଁ ବ୍ୟବସ୍ଥା କରିବି ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।

## ନାଲ୍‌କୋର ବିକ୍ରେତା ସମ୍ମିଳନୀ

ଦାମନଯୋଡ଼ି,୧୩।୭(ଡି.ଏନ୍.ଏ.)

ଦାମନଯୋଡ଼ି ସ୍ଥିତ ଖଣି ଓ ପରିଶୋଧନ ପ୍ରକଳ୍ପର ପ୍ରଶିକ୍ଷଣ କେନ୍ଦ୍ରରେ ବିକ୍ରେତା ସମ୍ମିଳନୀ ମହା ପ୍ରବନ୍ଧକ (ମାଟେରିଆଲ) ପ୍ରଶାନ୍ତ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ଶହେରୁ ଅଧିକ ନାମୀଦାମୀ ବିକ୍ରେତା ନିଜର ମନ୍ତବ୍ୟ ରଖିଥିଲେ। ନାଲକୋ ଇଡି ରବିଶଙ୍କର ଦାସ ନିଜ ଅଭିଭାଷଣରେ ବିକ୍ରେତାମାନେ ଆଉ ଚିରାଚରିତ ଗ୍ରାହକ ହୋଇ ରହିନାହାନ୍ତି, ପରନ୍ତୁ ନାଲକୋର ଜଣେ ଜଣେ ଅଂଶୀଦାର ହୋଇପାରିଛନ୍ତି। ସେମାନଙ୍କର ଯଦି କିଛି ଅଭିଯୋଗ ଥାଏ, ନାଲକୋ କର୍ତ୍ତୃପକ୍ଷ ବିନା ଦ୍ୱିଧାରେ ସେସବୁର ଅବିଳମ୍ବେ ସମାଧାନ କରିବା ପାଇଁ ପ୍ରୟାସ କରିବେ ବୋଲି କହିଥିଲେ। ଏଥିରେ ବିକ୍ରେତାଙ୍କ ବ୍ୟତୀତ ସମସ୍ତ ମୁଖ୍ୟ ପରିଚାଳକ, ଉପ ମୁଖ୍ୟ ପରିଚାଳକ ଓ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ଶେଷରେ ଏସ୍.କେ. ରଞ୍ଜନ ଧନ୍ୟବାଦ ଦେଇଥିଲେ।

## କୋରାପୁଟ ଜିଲାପାଳ ଦାୟିତ୍ୱ ନେଲେ ପୋମା ଟୁଡୁ

କୋରାପୁଟ,୧୩।୭(ସ୍ୱ.ପ୍ର.):

କୋରାପୁଟର ନୂତନ ଜିଲାପାଳ ଭାବେ ଡି. ପୋମା ଟୁଡୁ ଶୁକ୍ରବାର ରାତି ୧୧ଟାରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ସେ ନୂଆପଡ଼ା ଜିଲାପାଳ ଭାବେ କାର୍ଯ୍ୟ କରୁଥିବାବେଳେ ରାଜ୍ୟ ସରକାର ତାଙ୍କୁ କୋରାପୁଟ ଜିଲାପାଳ ଭାବେ ବଦଳି କରିଥିଲେ। ସେହିପରି ପୂର୍ବରୁ ଥିବା କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ବାଲେଶ୍ୱର ଜିଲାପାଳ ଭାବେ ବଦଳି କରାଯାଇଛି । ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସେ ପଦକ୍ଷେପ ନେବେ ବୋଲି ପୋମା ପ୍ରକାଶ କରିଛନ୍ତି । ଆସନ୍ତା ସୋମବାର ସେ ଜିଲାର ସମସ୍ତ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଏକ ବୈଠକ କରିବେ ବୋଲି ଜଣାପଡିଛି।

■ ରଥଟଣା ଦେଖିବା ବେଳେ ସ୍କୁଲ ତାଜା ଭାଙ୍ଗିବା ଘଟଣା

# ମେଡିକାଲରେ ଗୁରୁତର ଛାତ୍ରୀଙ୍କୁ ଭେଟିଲେ ଏମ୍‌ପି, ବିଧାୟକ

କୋରାପୁଟ,୧୩।୭(ସ୍ୱ.ପ୍ର.)

ବାହୁଡ଼ା ଯାତ୍ରା ଦେଖିବା ବେଳେ ଶୁକ୍ରବାର ଟିକିରି ହାଇସ୍କୁଲର ତାଜା ଭାଙ୍ଗି ଗୁରୁତର ହୋଇଥିବା ୧୧ ଜଣ ଛାତ୍ରୀ ବିଳମ୍ବିତ ରାତିରେ କୋରାପୁଟ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିବାବେଳେ ବିଭିନ୍ନ ପରୀକ୍ଷା ରିପୋର୍ଟ ଆସିବା ପରେ ସଂପୃକ୍ତ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଆନୁଷଙ୍ଗିତ ଚିକିତ୍ସା ଯୋଗାଇ ଦିଆଯିବ ବୋଲି କୋରାପୁଟ ମେଡିକାଲ କଲେଜର ଅଧୀକ୍ଷକ ହରେକୃଷ୍ଣ ଦଳେଇ ଶନିବାର କହିଛନ୍ତି। କୋରାପୁଟ ମେଡିକାଲ କଲେଜରେ ଚିକିତ୍ସିତ ହେଉଥିବା ଛାତ୍ରୀମାନେ ହେଲେ ଟିକିରି ହାଇସ୍କୁଲର ଷଷ୍ଠ ଶ୍ରେଣୀର ସନ୍ତୋଷୀ ନାୟକ, ରମଣୀ ନାୟକ, ନିରୁପମା ନାୟକ, ରିଙ୍କି ନାୟକ, ଅଷ୍ଟମ ଶ୍ରେଣୀର ଅନୁପମା ନାୟକ, ନନ୍ଦିନୀ ନାୟକ, ଗୀତାଞ୍ଜଳି ନାୟକ, ନବମ ଶ୍ରେଣୀର ସୁବର୍ଣ୍ଣା ନାୟକ, ତୁଳସୀ ନାୟକ, ଶାରଦା ନାୟକ, ଦଶମ ଶ୍ରେଣୀର ମଞ୍ଜୁମିତା ନାୟକ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଶନିବାର କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ପୂର୍ବତନ ବିଧାୟକ ନିମାଇଁ ସରକାର, ରାୟଗଡ଼ା ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୁଳମଣି ବଳିଆରସିଂ, କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁର, କୋରାପୁଟ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ରାୟଗଡ଼ା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ, କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ କାରୁ ସୋରେନ ମେଡିକାଲ କଲେଜରେ ପହଞ୍ଚି ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ସେମାନଙ୍କୁ ସମସ୍ତ ସହାୟତା ଯୋଗାଇଦେବା ପାଇଁ କୋରାପୁଟ ମେଡିକାଲ କଲେଜ ଅଧୀକ୍ଷକ ହରେକୃଷ୍ଣ ଦଳେଇଙ୍କ ସହ ସେମାନେ ଆଲୋଚନା ମଧ କରିଛନ୍ତି।



ମେଡିକାଲ ଅଧୀକ୍ଷକଙ୍କ ସହ ଆଲୋଚନା କରୁଛନ୍ତି କୋରାପୁଟ ଓ ପଟାଙ୍ଗୀ ବିଧାୟକ।

# ଖରାଛୁଟି ଗଲାଣି, ଏଯାଏ ଖୋଲିନି ହଷ୍ଟେଲ

ବୈପାରୀଗୁଡ଼ା,୧୩।୭(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକ କେନ୍ଦୁଗୁଡା ପଞ୍ଚାୟତ ମାଝିଗୁଡ଼ା ଗ୍ରାମର ରେଶମା ରାଜୁ । ବ୍ଲକର ଚନ୍ଦ୍ରପଡ଼ା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନବମ ଶ୍ରେଣୀର ଛାତ୍ରୀ । ବିଦ୍ୟାଳୟରୁ ରେଶମାଙ୍କ ଘର ୨୦ କିମି। ଛାତ୍ରାବାସରେ ସେ ଜଣେ ଅନ୍ତେବାସୀ । କିନ୍ତୁ ଗ୍ରୀଷ୍ମ ଛୁଟି ପରେ ଗତ ୨୧ ତାରିଖରୁ ବିଦ୍ୟାଳୟ ଖୋଲିସାରିଥିବା ବେଳେ ଏଯାଏ ହଷ୍ଟେଲ ଖୋଲିନାହିଁ। ଏବେ ବିଦ୍ୟାଳୟ ଆସିବାକୁ ରେଶମାଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଛି। ପ୍ରତିଦିନ ସକାଳ ୭ଟାରୁ ଘରୁ ବାହାରି ୫ କିମି ରାସ୍ତା ପାଦରେ ଚାଲିବା ପରେ ଭାଲୁଗୁଡ଼ା ଛକରେ ବସ୍ ଧରିବାକୁ ପଡୁଛି। ବିଦ୍ୟାଳୟ ଛୁଟି ହେଲାବେଳକୁ ଫେରିବା ପାଇଁ ବସ୍ ମିଳୁନାହିଁ। ବୈପାରୀଗୁଡ଼ା ବଜାରକୁ ବସ୍‌ରେ ଆସିବା ପରେ ଏଠାରୁ ତାଙ୍କୁ ଅଟୋରେ ଭାଲୁଗୁଡ଼ା ଛକ ପହଞ୍ଚି ପୁଣି ସେଠାରୁ ଘରକୁ ଚାଲିଚାଲି ଫେରିବାକୁ ହେଉଛି। ଘରେ ପହଞ୍ଚିବା ବେଳକୁ ସନ୍ଧ୍ୟା ୬ଟା ବାଜିଯାଉଛି। ଝିଅପିଲାଟି ଏକା ଫେରିବା ବେଳେ ପରିବାର ଲୋକେ ତାର ନିରାପତ୍ତା ନେଇ ଚିନ୍ତାରେ ରହୁଛନ୍ତି।

ରେଶମାଙ୍କ ପରି ବ୍ଲକର ଦୁର୍ଗମ ଇଲାକାରୁ ଆସୁଥିବା ଅନ୍ୟ ଛାତ୍ରୀମାନେ ମଧ୍ୟ ଅନୁରୂପ ସମସ୍ୟା ଭୋଗୁଛନ୍ତି। ଦଣ୍ଡାବାଡ଼ି, ରାମଗିରି ଇଲାକାରୁ ଆସୁଥିବା ଛାତ୍ରୀମାନେ ବସ୍ ସୁବିଧା ନ ଥିବାରୁ ମଧ୍ୟାହ୍ନ ଭୋଜନ ପରେ ଅଧା ସ୍କୁଲରୁ ଘରକୁ ବାହାରିବା ପାଇଁ ବାଧ ହେଉଛନ୍ତି। ଝିଅପିଲା ସ୍କୁଲରୁ ଫେରିବାକୁ ନିରାପଦ ମନେ ନକରି ବାଧହୋଇ ବହୁ ଅଭିଭାବକ ନିଜ ଝିଅର ଅଧା ପାଠପଢ଼ାରୁ ଟିସି ବାହାର କରି ନେଉଛନ୍ତି। ବିଦ୍ୟାଳୟରେ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ୪୮୦ ସିଟ୍ ରହିବା କଥା। କିନ୍ତୁ ଏବେ ସେଥିରେ ମାତ୍ର ୨୪୮ ଜଣ ଛାତ୍ରୀଛାତ୍ର ରହିଛନ୍ତି। ବାହାରୁ ଆସୁଥିବା ଆଦିବାସୀ ଛାତ୍ରଙ୍କ ପାଇଁ ହଷ୍ଟେଲ ସୁବିଧା ନାହିଁ। ବିଦ୍ୟାଳୟରେ ସ୍ଥାୟୀ ଅଧକ୍ଷ ନିଯୁକ୍ତି ହୋଇ ନ ଥିବାବେଳେ ଜଣେ କ୍ଲାସିକାଲ ଶିକ୍ଷକ ଦାୟିତ୍ୱରେ ଅଛନ୍ତି। ତାଙ୍କର ପରିଚାଳନାଗତ ଦକ୍ଷତା ଅଭାବରୁ ବ୍ୟବସ୍ଥା ଠିକ୍ ଭାବେ ଚାଲୁ ନଥିବା ଅଭିଯୋଗ ହୋଇଛି। ଜିଲାର ଅନ୍ୟ ସବୁଆଡ଼େ ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ଚାଲିଥିବା ବେଳେ ଏଠାରେ କାହିଁକି ଚାଲୁନି ବୋଲି ଅଧକ୍ଷଙ୍କୁ ପଚାରିବାରୁ ସେ ରଥଯାତ୍ରା ସମୟରେ ବହୁ ଅନ୍ତେବାସୀ ଘରକୁ ଚାଲିଯିବା ଆଶଙ୍କା କରି ଖୋଲାଯାଇ ନଥିବା ସଫେଇ ଦେଇଥିଲେ। ଅନ୍ୟପକ୍ଷରେ ଗତ ଶିକ୍ଷାବର୍ଷରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ହୋଇନାହିଁ।

**ଅବ୍ୟବସ୍ଥାରେ ଆଦର୍ଶ ବିଦ୍ୟାଳୟ**



- ସ୍ଥାୟୀ ଅଧକ୍ଷ ନିଯୁକ୍ତି ହୋଇନାହିଁ
- ୪୮୦ ସ୍ଥାନରେ ଅଛନ୍ତି ୨୪୮ ପିଲା
- ବାର୍ଷିକ ଉତ୍ସବ, କ୍ରୀଡ଼ା ହୋଇନାହିଁ





ମୁନିଗୁଡା, ଦୁର୍ଗୀ ଓ ରାୟଗଡ଼ାରେ ଶ୍ରୀଜୀଉଙ୍କ ସୁନାବେଶ।

## ସଂକ୍ଷେପରେ

### ରାଷ୍ଟ୍ରୀୟ ଲୋକ ଅଦାଲତ



**ରାୟଗଡା ଅଫିସ୍, ୧୩।୭:** ଜିଲା ଆଇନ୍‌ସେବା ପ୍ରାଧିକରଣ ରାୟଗଡା ତତ୍ତ୍ୱାବଧାନରେ ରାୟଗଡା ଜିଲା ସିଭିଲକୋର୍ଟ ପରିସରରେ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ରାୟଗଡା ମୁଖ୍ୟ କୋର୍ଟ ସମେତ ଗୁଣପୁର, ବିଷମକଟକ, କାଶୀପୁରରେ ଦୀର୍ଘ ଦିନ ଧରି ପଡି ରହିଥିବା ୮୭ଟି ମାମଲାର ଫଇସଲା ହୋଇ ଜରିମାନା ବାବଦକୁ ୧,୭୨,୬୪,୦୩୦ଟଙ୍କା ଓ ବ୍ୟାଙ୍କ ପ୍ରିଲିଟିଗେଶନ ସମ୍ବନ୍ଧିତ ୧୫ଟି ମାମଲାର ଫଇସଲା ହୋଇ ଜରିମାନା ବାବଦକୁ ୬ଲକ୍ଷ ୧୫ହଜାର ଟଙ୍କା ଆଦାୟ ହୋଇଛି । ଏହି ଲୋକ ଅଦାଲତ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଦୌରାଜଜ୍ ସୋମଶେଖର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ସ୍ଥାୟୀ ଲୋକ ଅଦାଲତର ଜଜ୍ ହିମାଂଶୁ ଶେଖର ବ୍ରହ୍ମା, ପରିବାର ଅଦାଲତର ଜଜ୍ ସୌଭାଗିନୀ ମଲ୍ଲିକ, ଅତିରିକ୍ତ ଜିଲା ଦୌରାଜଜ୍ ଆଶିଷ କୁମାର ତ୍ରିପାଠୀ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଜ୍ଞାନେନ୍ଦ୍ର କୁମାର ବାରିକ, ରେଜିଷ୍ଟ୍ରାର ସୁନନ୍ଦା ପାଢ଼ୀ, ବରିଷ୍ଠ ଦେୱାନୀ ବିଚାରପତି ସୁଚରିତା ମହାନ୍ତି, ଜିଲା ଆଇନ୍‌ସେବା ପ୍ରାଧିକରଣ ସମ୍ପାଦକ ମନୋରଞ୍ଜନ ମିଶ୍ର, ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ବୈଶାଳୀ ନାୟକ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ସ୍ଥାନୀୟ ଜିଲା ଜଜ୍ କୋର୍ଟ ପରିସରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ରାୟଗଡାର ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ହିମାଂଶୁ ଶେଖର ବ୍ରହ୍ମାଙ୍କ ଅଧକ୍ଷତାରେ ଆୟୋଜିତ ଲୋକ ଅଦାଲତରେ ସଦସ୍ୟ ଡା. ଦୁଷ୍ମନ୍ତ କୁମାର ମହାନ୍ତି ଉପସ୍ଥିତ ଥିଲେ । ଏଥିରେ ୩ଟି ମାମଲାର ଫଇସଲା କରିଥିଲେ । ପ୍ରଥମ ୨ଟି ମାମଲା ଟାଉନ ପ୍ଲାନିଂ ଅଥରିଟି ୨ଟି ଦୋକାନ ଘର ଯୋଗାଇଦେବା ପାଇଁ ନେଉଥିବା ଅଗ୍ରିମ ଟଙ୍କା ୨ଜଣଙ୍କୁ ସୁଧ ସହିତ ଫେରାଇଛନ୍ତି । ଆଉ ଏକ ମାମଲାରେ ରାୟଗଡା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ମାସକ ଭିତରେ ରାସ୍ତା କାର୍ଯ୍ୟ ଶେଷ କରିବା ପାଇଁ ଅଦାଲତ ଆଦେଶ ଦେଇଛନ୍ତି ।

### କୃଷି ସଚେତନତା କାର୍ଯ୍ୟକ୍ରମ



**ଗୁଣପୁର, ୧୩।୭(ଡି.ଏନ୍.ଏ.):** ରାୟଗଡା ଜିଲା କୃଷି କାର୍ଯ୍ୟାଳୟରେ କୃଷିକମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା କୃଷି ଅଧିକାରୀ ବିଜୟ୍ କୁମାର ସରେନ, ସହକାରୀ କୃଷି ଅଧିକାରୀ ପ୍ରିୟନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । କମ୍ ଖର୍ଚ୍ଚରେ ଅଧିକ ଅମଳ କରିବା ନେଇ ମାଷ୍ଟର ଟ୍ରେନରମାନଙ୍କୁ ସଚେତନ କରାଯାଇଛି । ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ଦିଗରେ ଚାଷୀଙ୍କୁ ଅବଗତ କରାଇବା ସହ ସେମାନେ କିଭଳି ଏଥିରୁ ଲାଭବାନ ହେବେ ସେ ନେଇ କୃଷି ଅଧିକାରୀମାନେ ଅବଗତ କରିଥିଲେ । 'ମାସ' ଅନୁଷ୍ଠାନର ଦେବେନ୍ଦ୍ର ଗୌଡ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଆଇଟିସି ମିଶନ 'ସୁନ୍‌ହେରା କଲ୍' ଯୋଜନାରେ ୨୭ ଆକାଂକ୍ଷା ଜିଲାର କୃଷିର ବିକାଶ ନିମନ୍ତେ ମାଷ୍ଟର ଟ୍ରେନରମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଛି ।

# ସୁନାବେଶରେ ସୁସଜ୍ଜିତ ଶ୍ରୀଜୀଉ

**ଗୁଣପୁର, ୧୩।୭(ଡି.ଏନ.ଏ)**

ଏକାଦଶୀ ଲାଗି ନୀତିରେ ବିଳମ୍ବ । ଦେବୋତ୍ତର ପ୍ରଶାସନ ପରିଚାଳନା କରିବାରେ ବିଫଳ । ଫଳରେ ଶୁକ୍ରବାର ବାହୁଡା ଯାତ୍ରାରେ ବିଭ୍ରାଟ ଦେଖାଦେଇଥିଲା । ରଥ ଟଣା ନ ହୋଇ ପାରିବାରୁ ବଡଦାଣ୍ଡର ମାଉସୀ ମା' ମନ୍ଦିର ନିକଟରେ ବଡରଥ ଏବଂ ସାନ ରଥ ଅଟକି ରହିଥିଲା । ରାତିରେ ନିଷ୍ପତ୍ତି ନିଆଯିବା ପରେ ଶନିବାର ରଥଟଣା କରିବାକୁ ସ୍ଥିର ହୋଇଥିଲା । ଏହିକ୍ରମରେ ଶନିବାର ସାଢେ ୧୧ଟା ସମୟରେ ବଡରଥକୁ ଟଣା ଯାଇ ଶ୍ରୀମନ୍ଦିର ସିଂହଦ୍ୱାର ନିକଟକୁ ନିଆଯାଇଥିଲା । ଏହାପରେ ସାନ ରଥକୁ ସିଂହଦ୍ୱାର ନିକଟକୁ ଅଣାଯାଇଥିଲା । ସନ୍ଧ୍ୟାରେ ରଥ ଉପରେ ଶ୍ରୀଜୀଉମାନଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଥିଲା । ଠାକୁରଙ୍କ ସୁନାବେଶ ଦେଖିବାକୁ ଭକ୍ତଙ୍କ ପ୍ରବଳ ଭିଡ ହୋଇଥିଲା । ଦୀର୍ଘ ୫୦ରୁ ୬୦ ବର୍ଷ ମଧ୍ୟରେ ଗୁଣପୁର ଇତିହାସରେ ବଡଦାଣ୍ଡରେ ରଥ ଅଟକିବା ଭଳି ଘଟଣା କେବେ ହୋଇ ନ ଥିଲା । ଏହାକୁ ନେଇ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଏଥିପାଇଁ ମୁଖ୍ୟତଃ ପ୍ରଶାସନକୁ ଦାୟୀ କରିଛନ୍ତି । ଏ ନେଇ ଦେବୋତ୍ତର ବିଭାଗ ଅଧିକାରୀ ତଥା ତହସିଲାଦର ନର୍ମଦା ମୋଦିଙ୍କୁ ପଚାରିବାରୁ, ଉତ୍ତର ଦେବା ବଦଳରେ ଉତ୍ତ୍ୟକ୍ତ ହୋଇପଡିଥିଲେ । ଆସନ୍ତା ବର୍ଷ ଯଦି ମୁଁ ଏହି ସ୍ଥାନରେ ଥାଏ ତେବେ ରଥ ଯାତ୍ରା କରିବି ନାହିଁ ବୋଲି କହିଛନ୍ତି । ତହସିଲଦାରଙ୍କ ଏପରି ତାଚ୍ଛଲ୍ୟ ପୂର୍ଣ୍ଣ ମନ୍ତବ୍ୟ ଜଗନ୍ନାଥ ପ୍ରେମୀଙ୍କୁ ଖୁବ୍ ବ୍ୟଥିତ କରିଛି । ଅନ୍ୟପଟେ ଟ୍ରାଫିକ ବ୍ୟବସ୍ଥାରେ ମଧ୍ୟ ଅନେକ ବିଭ୍ରାଟ ଦେଖାଦେଇଥିଲା । ପରିଚାଳନା ଅବ୍ୟବସ୍ଥା ଯୋଗୁ ଘଣ୍ଟା ଘଣ୍ଟା ଧରି ବିକ୍ରମପୁରଠାରୁ ଆରମ୍ଭ କରି ବଂଶଧାରା ବ୍ରିଜ ଏବଂ ସୌରା ପ୍ରଧାନିଗୁଡା ପର୍ଯ୍ୟନ୍ତ ଶହଶହ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା ।



ଗୁଣପୁରରେ ତିନି ଠାକୁରଙ୍କ ସୁନାବେଶ।



ଗୁଣପୁରରେ ପାର୍ବତୀଙ୍କୁ କ୍ଷତିପୂରଣ ବାବଦ ଚେକ୍ ଏଡିଜେ ପ୍ରଦାନ କରୁଛନ୍ତି ।

## ୯ ଲକ୍ଷ ୨୩ ହଜାର ୪୫୦ ଟଙ୍କା ଜରିମାନା ଆଦାୟ

**ଗୁଣପୁର, ୧୩।୭(ଡି.ଏନ.ଏ)**

ଗୁଣପୁର କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୬ଟି ମାମଲା ବିଚାର କରାଯାଇ ୯ ଲକ୍ଷ ୨୩ ହଜାର ୪୫୦ ଟଙ୍କା ଜରିମାନା ଆଦାୟ ହୋଇଥିଲା । ୩୯ଟି ଫୌଜଦାରି ମାମଲାର ଶୁଣାଣି କରାଯାଇ ୬୪୫୦ ଟଙ୍କା ଜରିମାନା ଆଦାୟ ହୋଇଥିଲା । ବ୍ୟାଙ୍କର ୪ଟି ମାମଲାରେ ୭ ଲକ୍ଷ ୧୭ ହଜାର ଟଙ୍କା ଓ ମୋଟର ଦୁର୍ଘଟଣା ମାମଲାରେ ୨ ଲକ୍ଷ ଟଙ୍କା ଆଦାୟ ହୋଇଥିଲା । ସେହିପରି ୨୦୧୬ରେ ରାମନାଗୁଡା ବ୍ଲକର ପାଲୁପାଇ ନିକଟରେ ରାଜ୍ୟ ସଡକ ପରିବହନ ନିଗମର ବସ ଦୁର୍ଘଟଣାରେ ରୁଗୁଡୁବାଇ ଗ୍ରାମର ବଳରାମ କାଦ୍ରାକାଙ୍କ ମୃତ୍ୟୁ ହୋଇଥିଲା । ତାଙ୍କ ପତ୍ନୀ ପାର୍ବତୀ କ୍ଷତିପୂରଣ ବାବଦରେ ଗୁଣପୁର ଏଡିଜେଙ୍କ କୋର୍ଟରେ ମାମଲା ରୁଜୁ କରିଥିଲେ । ଏହାର ଶୁଣାଣି ହେବା ପରେ ଆବେଦନକାରୀଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା । ପାର୍ବତୀଙ୍କ ପାଇଁ ଈଶ୍ୱର ଗମାଙ୍ଗ ଏବଂ ତାଙ୍କ ସହଯୋଗୀ ରାଜକିଶୋର ଦାସ ମାମଲା ପରିଚାଳନା କରୁଥିଲେ । ବିବାହ ସମ୍ବନ୍ଧୀୟ ସହ ଅନ୍ୟ ଫୌଜଦାରି ଏପରି ଦୁଇଟିକୁ ମିଶାଇ ମୋଟ ୪୬ଟି ମାମଲାରେ ବିଚାର ହୋଇଥିଲା । ଏଡିଜେ ଅଜୟ କୁମାର ପ୍ରଧାନ, ସବଜଜ୍ ବିଭୁଦତ୍ତ ନାୟକ ଏବଂ ଏସ୍‌ଡିଜେଏମ୍ ଅରୁନ୍ଧତି ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

## ବିଦ୍ୟୁତ୍ ଆଘାତରେ ଛାତ୍ରୀ ମୃତ୍ୟୁ ଘଟଣା

# ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ, ୱାର୍ଡେନ ବହିଷ୍କୃତ

**ମୁନିଗୁଡ଼ା, ୧୩।୭(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ କୁମୁଡ଼ାବାଲି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ବିଦ୍ୟୁତ୍ ଆଘାତରେ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ଶନିବାର ପ୍ରଧାନଶିକ୍ଷୟିତ୍ରୀ ଶୋଭାରାଣୀ ପଟେଲଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ୱାର୍ଡ଼େନ ମମତା ପାତ୍ରଙ୍କୁ ବହିଷ୍କୃତ କରାଯାଇଛି । ଏଥିସହ ରାତ୍ର ଜଗୁଆଳି ଡ୍ୟୁଟିରେ ନ ଥିବା ଜିତେନ୍ଦ୍ର ମାଣ୍ଡିକାଙ୍କୁ ମୁନିଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ କୈଫିୟତ ମାଗିଛନ୍ତି । ସୂଚନାଯୋଗ୍ୟ , ଗତ ୧୦ ତାରିଖ ରାତ୍ରିରେ ଉକ୍ତ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ନନ୍ଦିନୀ କାଦ୍ରାକା ରାତିରେ ଖାଇସାରି ଫେରୁଥିଲେ । ଏହି ସମୟରେ କାନ୍ଥରେ ଓହଳିଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ସେ ଆସିଥିଲେ । ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବରପାଇ ରାୟଗଡ଼ା ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଏସପି ଶ୍ରବଣ ବିବେକ ଏମ., ଡିପିସି ସୁରେନ୍ଦ୍ର ସାଠୁଆ, ମୁନିଗୁଡ଼ା ଏସଡ଼ିପିଓ ଚନ୍ଦ୍ରଶେଖର ହୋତା, ମୁନିଗୁଡ଼ା ଥାନାଧିକାରୀ ରାଜେନ୍ଦ୍ର ଦେହୁରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ।

ସେହିପରି ୧୧ ତାରିଖରେ ରାୟଗଡ଼ା ଏଡ଼ିଏମ ସୁଧାକର ଶବର, ଗୁଣପୁର ପିଏ ଆଇଟିଡ଼ିଏ ଗୋରାଚାନ୍ଦ ଗମାଙ୍ଗ, ତହସିଲଦାର ଦେବାଶିଷ ଗୌଡ଼ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ ।

# ବାଇକ୍ ସହ ରନ୍ଧା ମଦ ଜବତ: ଅଭିଯୁକ୍ତ ଗିରଫ

**ଆସିକା, ୧୩।୭(ଡି.ଏନ୍.ଏ.)**

ଆସିକା ସହର ଉପକଣ୍ଠ କର୍ପୂରନୂଆଗାଁ ନିକଟରେ ଶୁକ୍ରବାର ରାତିରେ ପୋଲିସ ଗୋଟିଏ ବାଇକ୍‌ରେ ଚାଲାଣ ହେଉଥିବାବେଳେ ୮୦ ଲିଟର ରନ୍ଧା ମଦ ସହ ବାଇକ ଜବତ କରିଛି । ଏହି ମାମଲାରେ ଗାଙ୍ଗପୁର ଥାନା ସିଂହମର୍ଦ୍ଦନ ଗ୍ରାମର ମକରଧ୍ୱଜ ପ୍ରଧାନଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତଙ୍କ ବିରୁଦ୍ଧରେ ଆସିକା ଥାନାରେ ନଂ.୨୨୪/୧୯ରେ ଏକ ମାମଲା ରୁଜୁ କରାଯାଇଛି । ଗିରଫ ଅଭିଯୁକ୍ତଙ୍କୁ ଶନିବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି ।

# ସ୍କୁଲ ତାଜା ଭୁଶୁଡ଼ି ଛାତ୍ରୀ ଆହତ ଘଟଣା: ତଦନ୍ତ ଆରମ୍ଭ

**ଟିକିରି, ୧୩।୭(ଡ଼ି.ଏନ.ଏ)**

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ସଦରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ତାଜା ଭୁଶୁଡି ଛାତ୍ରୀ ଆହତ ହେବା ଘଟଣାର ତଦନ୍ତ ଆରମ୍ଭ ହୋଇଛି । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶନିବାର ସୁନାବେଡ଼ା ଆରଡ଼ି ବିଭାଗ ଅଧିକାରୀ ରାମକୃଷ୍ଣ ମହାରଣା, ଜିଲା କଲ୍ୟାଣ ବିଭାଗର ଅଧିକାରୀ ନନ୍ଦଲାଲ ବିଶ୍ୱାଳ, ଆଇଟିଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଟୁକୁ ବାରିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ସେମାନେ ବିଦ୍ୟାଳୟକୁ ଯାଇ ଭୁଶୁଡ଼ି ପଡ଼ିଥିବା ତାଜା ବୁଲି ଦେଖିବା ସହ ଅନୁଧ୍ୟାନ କରିଥିଲେ । ଶୁକ୍ରବାର ବିଦ୍ୟାଳୟର ଛାତ୍ରୀମାନେ ତାଜା ଉପରେ ବସି ବାହୁଡା ଯାତ୍ରା ଦେଖୁଥିଲେ । ହଠାତ ତାଜା ଭୁଶୁଡି ପଡିବାରୁ ପ୍ରାୟ ୨୦ଜଣ ଛାତ୍ରୀ ଆହତ ହୋଇଥିଲେ । ସେଥିମଧ୍ୟରୁ ପ୍ରାୟ ୮ଜଣ ଛାତ୍ରୀ ଗୁରୁତର ଥିଲେ । ସମସ୍ତଙ୍କୁ ପ୍ରଥମେ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ରାତିରେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଏମପି ସପ୍ତଗିରି ଉଲ୍ଲାକା କୋରାପୁଟ ମେଡିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ । ସେହିପରି କାଶୀପୁର ବିଡିଓ ଦେବଧର ପ୍ରଧାନ, ଏବିଡିଓ ବଳରାମ ପାତ୍ର ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । କାମ କରିଥିବା ସଂପୃକ୍ତ ଠିକାଦାର ନିମ୍ନମାନର କାମ କରିଥିବା ହେତୁ ଏହିଭଳି ଦୁର୍ଘଟଣା ଘଟିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏ ଜିଲା ଶିକ୍ଷାଧିକାରୀ ବରିହାଙ୍କୁ ପଚାରିବାରୁ, ଏହାର ତଦନ୍ତ ଚାଲିଛି । ଯେଉଁମାନେ ଅବହେଳା କରିଛନ୍ତି ତାଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।



ଅଧିକାରୀମାନେ ତଦନ୍ତ କରୁଛନ୍ତି ।



ଆମ୍ବାଗୁଡା ଛକରେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି ।



ଉତ୍ତ୍ୟକ୍ତ ଲୋକେ ଥାନା ଭିତରକୁ ଧସେଇ ପଶୁଛନ୍ତି ।



ପୋଲିସ ଲାଠିଚାର୍ଜ କରି ଆନ୍ଦୋଳନକାରୀଙ୍କୁ ଘଉଡାଉଛି ।



ଜଣେ ଯୁବକଙ୍କୁ ପୋଲିସ କାବୁକରି ନେଉଛି ।



ଘଟଣାସ୍ଥଳରେ ମୁତୟନ ହୋଇଥିବା ଯବାନ ।

# ସୁନାବେଶରେ ତିନି ଠାକୁର


ନବରଙ୍ଗପୁର


ଚନ୍ଦାହାଣ୍ଡି


ଉମରକୋଟ

## ସଂକ୍ଷେପରେ

### ତିନି ଠାକୁରଙ୍କ ସୁନାବେଶ

ଚନ୍ଦାହାଣ୍ଡି, ୧୩।୭(ଡି.ଏନ.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ସଦର ମହକୁମାରେ ଥିବା ଜଗନ୍ନାଥ ମନ୍ଦିର ଏବଂ ଜମାଦାରପଡାଠାରେ ଥିବା ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କୁ ସୁନାବେଶ କରାଯାଇଥିଲା। ବିଭିନ୍ନ ରୀତିନୀତି ଅନୁଯାୟୀ ପୂଜକଙ୍କ ଦ୍ୱାରା ସୁନାବେଶ କରିବା ପରେ ଏହା ଦେଖିବା ପାଇଁ ଭକ୍ତଙ୍କ ଭିଡ ଲାଗିଥିଲା । ଚନ୍ଦାହାଣ୍ଡି, ଧୋଡିପାଣି, ହଳଦୀ, ଗମ୍ଭାରୀଗୁଡା, ବୋରିଗୁଡା, ଫଟକି, ଜମାଦାରପଡା, କରାଡଙ୍ଗରୀଠାରେ ରଥଯାତ୍ରା ପାଳନ କରାଯାଇଥାଏ।

### ବିଦ୍ୟୁତ ଆଘାତରେ ଯୁବକ ମୃତ

କୋଷାଗୁମୁଡା, ୧୩।୭(ଡି.ଏନ.,)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ମୋତିଗାଁରେ ଶନିବାର ବିଦ୍ୟୁତ ଆଘାତରେ ଦାମ କୋଲାରଙ୍କ ମୃତ୍ୟୁ ହୋଇଛି। ଘରକୁ ସଂଯୋଗ ହୋଇଥିବା ବିଦ୍ୟୁତ ତାର ତଳକୁ ଓହଳି ରହିଥିଲା। ଏହାକୁ ଉପରକୁ ଟେକିବାକୁ ଦାମୋ ଚେଷ୍ଟା କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଛିଟିକି ପଡିଥିଲେ। ଘଟଣାସ୍ଥଳରେ ଦାମ କୋଲାରଙ୍କ ମୃତ୍ୟୁ ଘଟିଥିଲା। ଦାମ ବଞ୍ଚିଥିବା ଆଶା ନେଇ ପରିବାର ଲୋକ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

### ଡକାୟତି ଯୋଜନା ପଣ୍ଡ, ୪ ଗିରଫ

ଭଞ୍ଜନଗର, ୧୩।୭(ଡି.ଏନ.ଏ.)- ତାରସିଂ ପୋଲିସ ଶୁକ୍ରବାର ରାତିରେ ଏକ ଡ଼କାୟତି ଯୋଜନାକୁ ପଣ୍ଡ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭଞ୍ଜନଗରର ଚିତ୍ତ ଚୌଧୁରୀ, ଅଜୟ ନାଇକ, ଅକ୍ଷୟ ନାୟକ ଓ କବିସୂର୍ଯ୍ୟନଗର ଥାନା ବୃନ୍ଦାବନପୁରଶାସନର ଭାସ୍କର ଦାସ। ସେମାନଙ୍କ ଠାରୁ ଗୋଟିଏ ବାଇକ୍, ୨ଟି ଖଣ୍ଡା, ୨ଟି ଛୁରି, ୧୨ଟି ମୋବାଇଲ ଫୋନ୍, ମରିଚ ଗୁଣ୍ଡ ପ୍ୟାକେଟ, ୪ଟି ଅଫୁଟା ବୋମା ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଶନିବାର ସନ୍ଧ୍ୟାରେ ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଭଞ୍ଜନଗର ସ୍ୱତନ୍ତ୍ର ଉପ କାରାଗାରକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଜଡ଼ିତ ଆଉ ଜଣେ ଅପରାଧି ଫେରାର ହୋଇଯାଇଛନ୍ତି। ତାଙ୍କୁ ଗିରଫ ପାଇଁ ପୋଲିସ ଚେଷ୍ଟା ଚଳାଇଛି। ଏନେଇ ତାରସିଂ ଥାନାରେ ନଂ.୯୧।୧୯ରେ ଏକ ମାମଲା ରୁଜୁହୋଇଛି। ଗିରଫ ଅଭିଯୁକ୍ତମାନେ ଭଞ୍ଜନଗର, ଗାଙ୍ଗପୁର, ଧରାକୋଟ, ବୁଗୁଡ଼ା, ଟିକାବାଲି ଓ ଚକାପାଦ ଥାନା ଅଞ୍ଚଳର ଏକାଧିକ ମାମଲାରେ ଜଡ଼ିତ ଅଛନ୍ତି। ଭଞ୍ଜନଗର ଥାନା ଅଧିକାରୀ ସୁଦିପ୍ତ କୁମାର ସାହୁ ଶନିବାର ଏକ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ତାରସିଂ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ବେଲଗୁଣ୍ଠା ଫାଣ୍ଡି ଅଧିକାରୀ ପି.କେ.ସାହୁ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।ପ୍ରକାଶଯେ, ୫ଜଣ ଅପରାଧୀ ଶୁକ୍ରବାର ରାତିରେ ତାରସିଂ ଥାନା ବାରଦଣ୍ଡା ଛକରେ ଥିବା ଯାତ୍ରୀ ବିଶ୍ରାମାଗାରରେ ଅଟକି ଡ଼କାୟତି ପାଇଁ ଯୋଜନା ଚଳାଇଥିଲେ। ତାରସିଂ ପୋଲିସ ଖବରପାଇ ସେଠାରେ ଚଢ଼ାଉ କରିଥିଲା। ୪ଜଣଙ୍କୁ ପୋଲିସ କାବୁ କରିଥିବାବେଳେ ମାଷ୍ଟର ମାଇଣ୍ଡ ଅଭିଯୁକ୍ତ ଜଣଙ୍କ ବାଇକ୍‌ରେ ଫେରାର ହେବାରେ ସକ୍ଷମ ହୋଇଥିଲେ।

## ■ ଭାଜପା ପ୍ରଶ୍ନର ଉତ୍ତର ରଖିଲା ବିଜେଡି
# ରେଳପଥ ପାଇଁ ଶେଷ ପର୍ଯ୍ୟାୟରେ ଜମି ଅଧିଗ୍ରହଣ ପ୍ରକ୍ରିୟା

ନବରଙ୍ଗପୁର, ୧୩।୭( ବି.ପ୍ର.)

ଜୟପୁର-ନବରଙ୍ଗପୁର ଓ ଜୟପୁର-ମାଲକାନଗିରି ରେଳପଥ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏନେଇ ଜୟପୁର ଠାରେ କାର୍ଯ୍ୟାଳୟ ଖୋଲାଯାଇଛି । ଏଥିପାଇଁ ବଜେଟରେ ୫୦ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ସ୍ଥାନୀୟ ଏକ ଲଜ ଠାରେ ଆହୁତ ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ସଭାପତି ପ୍ରହ୍ଲାଦ ତ୍ରିପାଠୀ କହିଛନ୍ତି । ଓଡିଶା କେବଳ ଗୋଟିଏ ରାଜ୍ୟ ଜୟପୁର-ନବରଙ୍ଗପୁର ଓ ଜୟପୁର-ମାଲକାନଗିରି ରେଳପଥ ପାଇଁ ମାଗଣାରେ ଜମି ଯୋଗାଉଛି । ପୂର୍ବତନ ଏମପି ବଳଭଦ୍ର ମାଝୀ ରେଳ ବୋର୍ଡର ସଦସ୍ୟ ରହି କଣ କରୁଥିଲେ


ଖବରଦାତା ସମ୍ମିଳନୀ ବିଜେଡି ଜିଲା ସଭାପତି ଓ ଅନ୍ୟମାନେ

ବୋଲି ପ୍ରଶ୍ନ କରିଥିଲେ । ସେ ଏବେ ଭାଜପାରେ ଅଛନ୍ତି। କେନ୍ଦ୍ର ସରକାରଙ୍କ ନିକଟରେ ବସି ରେଳପଥ ପାଇଁ କାମ କରନ୍ତୁ ବୋଲି କହିଥିଲେ । ନବରଙ୍ଗପୁର ଜିଲାରେ ଶିକ୍ଷାର ବିକାଶ ପାଇଁ ୧୦ଟି ବ୍ଲକରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଅନ୍ୱେଷା ବିଦ୍ୟାଳୟ, ଉମରକୋଟ ଠାରେ ଆଦର୍ଶ କଳିଙ୍ଗ ବିଦ୍ୟାଳୟ ଖୋଲାଯାଇଛି । ସେହିଭଳି ଜିଲାର ୮ଟି ବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗ ଚଳିତ ବର୍ଷ ଠାରୁ ନାମଲେଖା ଆରମ୍ଭ ହୋଇଛି । ଉମରକୋଟ ଠାରେ ସବଡିଭିଜନ ମେଡିକାଲ ଓ ରକ୍ତ ଭଣ୍ଡାର ପାଇଁ ଗୃହ କାର୍ଯ୍ୟ ଆରମ୍ଭ ହୋଇଛି । ଅର୍ଥ ମଞ୍ଜୁର ହୋଇ ସାରିଲାଣି । ସମୟସୀମା ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଆରମ୍ଭ ହେବ ବୋଲି ବିଜେଡି ଜିଲା ସଂଯୋଜକ ପ୍ରମୋଦ ପାଢୀ କହିଛନ୍ତି । ନବରଙ୍ଗପୁର ବାଇପାସ ରୋଡ ପାଇଁ ନୋଟିଫିକେସନ ଜାରୀ ହୋଇଛି । ଜମି ଅଧିଗ୍ରହଣ ପାଇଁ ସର୍ଭେ କାର୍ଯ୍ୟ ସରିଛି । କେନ୍ଦ୍ର ସରକାର ଅର୍ଥ ମଞ୍ଜୁର କଲେ ଜମି ଅଧିଗ୍ରହଣ ହେବ ବୋଲି କହିଛନ୍ତି । କୋଡିଙ୍ଗା ପୋଲିସ ହେପାଜତରେ ବୃଦ୍ଧଙ୍କ ମୃତ୍ୟୁ ଘଟଣା ନେଇ ପୋଲିସ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଥାନା ଅଧିକାରୀ ନିଲମ୍ବିତ ହୋଇଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରୀ ଓଡିଶାର ଆଇନ ଶୃଙ୍ଖଳା ନେଇ ପ୍ରଶଂସା କରୁଥିବା ବେଳେ ଏଠାରେ ପୂର୍ବତନ ଏମପି ମାଝୀ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ବୋଲି କିଭଳି କହୁଛନ୍ତି ବୋଲି କହିଥିଲେ । ଖବରଦାତା ସମ୍ମିଳନୀରେ ବିଜେଡି ନଗର ସଭାପତି ପ୍ରମୋଦ ରଥ ଉପସ୍ଥିତ ଥିଲେ ।

# ବିଦ୍ୟାଳୟରେ ଚାରାରୋପଣ

ଚନ୍ଦାହାଣ୍ଡି, ୧୩।୭(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବନଦୁର୍ଗା ହାଇସ୍କୁଲ ଦେଓବନ୍ଧଠାରେ ଶନିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଧନେଶ୍ୱର ମାଝି (୮୫) ଏବଂ ବିଦ୍ୟାଳୟର ପୁରାତନ ଛାତ୍ର ବ୍ରଜବନ୍ଧୁ ନାୟକ ଯୋଗଦେଇ ନଡିଆ ଚାରା ରୋପଣ କରିଥିଲେ। ଉକ୍ତ ବିଦ୍ୟାଳୟ ସରକାରଙ୍କ ତରଫରୁ ପ୍ରକୃତି ମିତ୍ର ପୁରସ୍କାର ପାଇଥିବାବେଳେ ବିଭିନ୍ନ ଔଷଧୀୟ ବୃକ୍ଷ ରୋପଣରେ ବିଭିନ୍ନ ଅନୁଷ୍ଠାନ


ଚାରାରୋପଣ କରାଯାଉଛି।

ପକ୍ଷରୁ ପୁରସ୍କୃତ ହୋଇଛି । ପ୍ରଧାନଶିକ୍ଷକ ରଞ୍ଜନ କୁମାର ନାୟକ ବିଦ୍ୟାଳୟର ଗ୍ରୀଷ୍ମଛୁଟିରେ ମଧ୍ୟ ବିଦ୍ୟାଳୟକୁ ଯାଇ ସମସ୍ତ ଗଛରେ ପାଣି ଦେଇ ବୃକ୍ଷଗୁଡିକୁ ଜୀବିତ ରଖିବାରେ ସଫଳ ହୋଇଛନ୍ତି । କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ବିଦ୍ୟାଳୟ ପରିସରରେ ୬୦ ଚାରାରୋପଣ


ଛାତ୍ରୀଛାତ୍ରମାନେ ଚାରାରୋପଣ କରିବାକୁ ଯାଉଛନ୍ତି।

ଡାବୁଗାଁ, ୧୩।୭(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଡାବୁଗାଁ ବନ ବିଭାଗ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଠାରେ ସାଗୁଆନ, ଗଙ୍ଗଶିଉଳି, ବେଲ, ଅମୃତଭଣ୍ଡା, ସଜନା, ଲେମ୍ବୁ, ପିଜୁଳି ପ୍ରଭୃତି ଚାରା ରୋପଣ କରାଯାଇଥିଲା । ଏଥିରେ ଡାବୁଗାଁ ବନପାଳ ଲକ୍ଷ୍ମୀକାନ୍ତ ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁ ସାହୁକାର, ଶିକ୍ଷୟିତ୍ରୀ ମଧୁସ୍ମିତା ନାୟକ, ଶିକ୍ଷକ ହେମନ୍ତ କୁମାର ସାମଲ, ଗୌତମ ଦାଶ, ବିଦେଶୀ ମହାଙ୍କୁଡ, ଏକବାଲ ହୁସେନ, ଆମ ଜଙ୍ଗଲ ଯୋଜନା କର୍ମକର୍ତ୍ତା କୃପାଦାସ ମହୁରିଆ ଓ ହରିହର ନାୟକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ । ଏଠାରେ ମୋଟ ୬୦ ଚାରାରୋପଣ କରାଯାଇଥିଲା ।

### ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

ବ୍ରହ୍ମପୁର ଅଫିସ, ୧୩।୭

ସଦର ଥାନା ଅନ୍ତର୍ଗତ ବାଳକୃଷ୍ଣପୁର ଛକ ନିକଟରେ ଏକ ଟ୍ରାକ୍ଟର ଧକ୍କାରେ ଗୁରୁତର ଆହତ ହୋଇଥିବା ଜଣେ ଯୁବକଙ୍କର ଶୁକ୍ରବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତକ ଜଣକ ଦିଗପହଣ୍ଡି ଥାନା ଅନ୍ତର୍ଗତ ମୋହଡା ନୂଆସାହିର ନିରଞ୍ଜନ ନାହାକ (୩୦)। ସଦର ଥାନା ପୋଲିସ ଶନିବାର ମୃତଦେହ ଜବତ କରିଛି। ନଂ.୧୭୦/୧୯ରେ ଏକ ମାମଲା ରୁଜୁ କରିବା ସହ ଟ୍ରାକ୍ଟର ଡ୍ରାଇଭରଙ୍କୁ ଗିରଫ କରିଥିବା କହିଛି। ଶୁକ୍ରବାର ସନ୍ଧ୍ୟାରେ ନିରଞ୍ଜନ ଏକ ବାଇକ୍‌ରେ କାଲୁଆରୁ ବ୍ରହ୍ମପୁର ଦେଇ ଘରକୁ ଫେରୁଥିଲେ। ବାଳକୃଷ୍ଣପୁର ଛକରେ ସାମ୍ନାପଟୁ ଏକ ଟ୍ରାକ୍ଟର ଦ୍ରୁତ ଗତିରେ ଆସି ବାଇକ୍‌ଟିକୁ ଧକ୍କା ଦେଇଥିଲା। ନିରଞ୍ଜନ ବାଇକରୁ ଖସି ପଡ଼ିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ନିରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଟ୍ରାକ୍ଟର ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଉକ୍ତ ଛକରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସେଠାରେ ହମ୍ପସ୍ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ

ଚନ୍ଦାହାଣ୍ଡି, ୧୩।୭(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦେଓବନ୍ଧ ହାଟପଦାଠାରେ ମଣ୍ଡଳ ସଭାପତି ପ୍ରତାପ ବାଘଙ୍କ ଆବାହକତ୍ୱ ଏବଂ ଭାଜପା ନେତା ମହେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଭାଜପା ଜୋନ-୧ର ସଦସ୍ୟତା ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମପି ବଳଭଦ୍ର ମାଝି ଯୋଗଦେଇ ଭାଜପାର ସଦସ୍ୟତା ଆମେ କାହିଁକି ଗ୍ରହଣ କରିବା ସେ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ । ବିଭିନ୍ନ ଜନହିତକର ଯୋଜନା ପାଇଁ କେନ୍ଦ୍ର ପ୍ରଦାନ କରୁଥିବା ପାଣ୍ଠିର ଦୁରୁପଯୋଗ କରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ହାଇଜାକ୍ କରି ନିଜ ନାମରେ କରୁଥିବା ବିଜେଡିକୁ ସମାଲୋଚନା କରିଥିଲେ। ଏଥିରେ ବହୁ ମହିଳା, ପୁରୁଷ ଏବଂ ଯୁବକମାନେ ଭାଜପାର ସଦସ୍ୟତା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଭାଜପା ନେତା ଅକାଲୁ ଜାଲି, ଭରତ ବାଘ, ଜିଲା ପରିଷଦ ସଭ୍ୟ ଶ୍ୟାମ ମାଝି, ମହିଳା ମୋର୍ଚ୍ଚା ସଭାପତି କୌଶଲ୍ୟା ଗୌଡ, ସୁଶାନ୍ତ ମାଝି, ପ୍ରଭାତ ସୁନା, ଶୁକ୍ରୁ ନାୟକ, ହରି ପୂଜାରୀ, ମଣ୍ଡଳ ସମ୍ପାଦକ ଗୋକୁଳ ବେଶ୍ରା, ଗୋକୁଳ ଶୋରୀ, ରାଜମନ ମନହିରା, ଗଗନେଶ୍ୱର ନିଆଲ, ଯୋଗେନ୍ଦ୍ର ଝରିଆ, ଇଶରାମ ବିଶି, ଲୋଚନ କଟା, ପଦ୍ଲନ ଗୌଡ ପ୍ରମୁଖଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।


ପୂର୍ବତନ ଏମପି ବଳଭଦ୍ର ମାଝିଙ୍କ ସହ ଭାଜପା କର୍ମକର୍ତ୍ତାମାନେ ।

# ରାଷ୍ଟ୍ରୀୟ ଲୋକ ଅଦାଲତ : ୩୮ ମାମଲା ଫଇସଲା

ନବରଙ୍ଗପୁର, ୧୩।୭(ବି.ପ୍ର)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଜଜ୍ କୋର୍ଟ ପରିସରରେ ୨୦୧୯ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ଅଶୋକ କୁମାର ପଣ୍ଡା ଗୋଟିଏ ଏମଏସିଟି କେସର ଫଇସଲା କରି ୮ ଲକ୍ଷ ୮୦ ହଜାର ଟଙ୍କା କ୍ଷତିପୂରଣ ରାଶି ଧାର୍ଯ୍ୟ କରିଛନ୍ତି । ସେହିଭଳି ଏଡିଜେ ପ୍ରଣୟ କୁମାର ଦାଶ ଗୋଟିଏ ଏମଏସିଟି କେସର ଫଇସଲା କରି ୧୦ ହଜାର ଟଙ୍କା କ୍ଷତିପୂରଣ ରାଶି ଧାର୍ଯ୍ୟ କରିଛନ୍ତି। ଏହି ଲୋକ ଅଦାଲତରେ ବ୍ୟାଙ୍କର ୩ଟି ପ୍ରାକ ମକଦ୍ଦମା ଫଇସଲା କରାଯାଇ ୧୪ ଲକ୍ଷ ୭୮ ହଜାର ୯୧୮ ଟଙ୍କା ୫୨ ପଇସା ଋଣ ଆଦାୟ କରାଯାଇଛି। ବରିଷ୍ଠ ଦେୱାନୀ ଜଜ ଏସ. ଶୁଭଲକ୍ଷ୍ମୀ ଗୋଟିଏ ଦେୱାନୀ କେସର ଆପୋସ ଫଇସଲା କରିଛନ୍ତି । ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅମିତ କୁମାର ବାରିକ ୪ଟି ଫୌଜଦାରୀ ମାମଲା, ଦୁଇଟି ଚେକ ବାଉନସ ଫଇସଲା ଓ ୪ ଟି ଘରୋଇହିଂସା କେସର ଆପୋସ ବୁଝାମଣା କରିଛନ୍ତି। ଏହି ଲୋକ ଅଦାଲତରେ ୩୮ଟି କେସ ଫଇସଲା କରାଯାଇଛି । ଲୋକ ଅଦାଲତରେ ପରିବାର ବିଚାର ବିଭାଗୀୟ ଜଜ୍ ବିକ୍ରମ ପ୍ରଧାନ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ରାଜ କୁମାର ଦାଶ ଓ ରେଜିଷ୍ଟ୍ରାର ମନରଂଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ପ୍ରଶନ୍ନ କୁମାର ବେହେରା ଲୋକ ଅଦାଲତକୁ ପରିଚାଳନା କରିଥିଲେ । କୋର୍ଟରେ ଆଇନଜୀବୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ପ୍ରତ୍ୟେକ ଗଛରେ ରହିଛି ଔଷଧୀୟ ଗୁଣ

ନବରଙ୍ଗପୁର, ୧୩।୭(ବି.ପ୍ର.)

ନବରଙ୍ଗପୁର ବ୍ଲକ ତାରାଗାଁଠାରେ ଥିବା ରଶ୍ମି ରଞ୍ଜନ ସିଦ୍ଧାଶ୍ରମ ପକ୍ଷରୁ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଡାବୁଗାଁ ବନାଞ୍ଚଳ ଅଧିକାରୀ ଧନୁର୍ଯ୍ୟୟ ମହାପାତ୍ର ଯୋଗ ଦେଇ ଚାରା ରୋପଣ ଓ ତାର ସୁରକ୍ଷା ଉପରେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରକୃତି ବନ୍ଧୁ ଗଣେଶ୍ୱର ଦାଶ ଯୋଗ ଦେଇ ବୃକ୍ଷର ଯତ୍ନ ନେବା ଓ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ଭାସ୍କର ବିଷୋୟୀ ଯୋଗ ଦେଇ


ଚାରା ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ପ୍ରତ୍ୟେକ ଗଛରେ ଔଷଧୀୟ ଗୁଣ ରହିଛି । ଗଛ ମଣିଷର ଜଣେ ଘନିଷ୍ଠ ବନ୍ଧୁ । ବୃକ୍ଷ ବିନା ମଣିଷ ବଞ୍ଚିବା କଷ୍ଟସାଧ୍ୟ । ଗଛ ବଞ୍ଚିଲେ ଆମେ ବଞ୍ଚିବା ସହ ରୋଗ ମୁକ୍ତ ହୋଇ ପାରିବା ବୋଲି କହିଥିଲେ । ଆଶ୍ରମର ଅଧ୍ୟକ୍ଷ ରଶ୍ମି ପ୍ରସାଦ, ପ୍ରକୃତି ବନ୍ଧୁ ଡ. ନୀଳକଣ୍ଠ ପାଢୀ ସମସ୍ତଙ୍କୁ ଗୋଟିଏ ଲେଖାଏଁ ଗଛ ଲଗାଇବା ଓ ତାର ଯତ୍ନନେଇ ବଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ । ସଭା କାର୍ଯ୍ୟ ପରେ ବୃକ୍ଷ ରୋପଣ ପାଇଁ ପୂଜାର୍ଚ୍ଚନା କରାଯାଇଥିଲା । ପରେ ମିଶ୍ରିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଦଶମୁ ପାତ୍ର, ଅର୍ଜୁନ ବିଷୋୟୀ, ଦୁଲ୍ଲଭ ହରିଜନ, ଲକ୍ଷ୍ମୀ ବିଷୋୟୀ, ଇନ୍ଦୁମତି ପାଢୀ, ଚନ୍ଦନ ବିଷୋୟୀ, କିଶୋର କୁମାର ଅଧିକାରୀ, ସନ୍ତୋଷ କୁମାର ପୂଜାରୀ, ଇଂ. ସୁରେନ୍ଦ୍ର କୁମାର ପଣ୍ଡା, ଅଂଶୁମାନ ପୂଜାରୀ ସମେତ ଶତାଧିକ ବୃକ୍ଷ ରୋପଣରେ ସକ୍ରିୟ ରହି ସହଯୋଗ କରିଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ଜୁଲାଇ ୧୪/୨୦୧୯ Rayagada, Sunday, July 14 / 2019



ଅତିଥିଙ୍କ ଗହଣରେ ଶିବିରରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# କରାଟେ, ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ

**କୋରାପୁଟ,୧୩।୭(ସ୍ୱ.ପ୍ର.)**

କୋରାପୁଟ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ପୂର୍ବାହ୍ନରେ ଦୁଇଦିନିଆ କରାଟେ ଏବଂ ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ ହୋଇଛି। କୋରାପୁଟସ୍ଥିତ ହନୁମାନ ସ୍ପୋର୍ଟିଂ କ୍ଲବ ଏବଂ ଏକାଡେମୀ ଅଫ ମାର୍ଶଲ ଆର୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରର ଉଦ୍‌ଘାଟନୀ ଦିବସରେ ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ କଟକସ୍ଥିତ ସିକୋକାଇ କରାଟେର ଷ୍ଟାଇଲ ଚିଫ୍ ଡାକ୍ତର ମନୋରଞ୍ଜନ ସାସ୍‌ମଲ, 'ଧରିତ୍ରୀ'ର ଜିଲା ପ୍ରତିନିଧି ଅମିତାଭ ବେହେରା, ବରିଷ୍ଠ ଖବରଦାତା ପ୍ରଶାନ୍ତ କୁମାର ସାମନ୍ତରାୟ, ବରିଷ୍ଠ ପ୍ରଶିକ୍ଷକ ମନୋଜ କୁମାର ବେହେରା ଉପସ୍ଥିତ ଥିଲେ । ଏହି ଅବସରରେ କୋରାପୁଟ ସହରର ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଶିବିରରେ ପ୍ରଶିକ୍ଷଣ ନେଇଥିଲେ। ଏକାଡେମୀ ଅଫ ମାର୍ଶଲ ଆର୍ଟର ମୁଖ୍ୟ ପ୍ରଶିକ୍ଷକ ଯୋଗେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ କରାଟେ ଓ ଆତ୍ମରକ୍ଷାର ବିଭିନ୍ନ କୌଶଳ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ହନୁମାନ ସ୍ପୋର୍ଟିଂ କ୍ଲବର ଏକାଦଶୀ ବେହେରା, ଜଗଦିଶ୍ୱର ରାଓ, କୁଶ ମୁଦୁଲି, ଗୁପ୍ତେଶ୍ୱର ରାଓ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

■ କର୍ମୀ-ନେତାଙ୍କ ସହ ଆଲୋଚନା କଲେ କୋରାପୁଟ ଏମ୍‌ପି

# 'ଗାଁକୁ ଯାଇ ଲୋକଙ୍କ ସମସ୍ୟା ତୁଟାଅ'

**କୋରାପୁଟ,୧୩।୭(ସ୍ୱ.ପ୍ର.)**

କୋରାପୁଟ ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଏମ୍‌ପି ସପ୍ତଗିରି ଉଲ୍ଲାକା କଂଗ୍ରେସ ଦଳର ନେତା ଓ କର୍ମୀଙ୍କ ସହ ଶନିବାର ଆଲୋଚନା କରିଛନ୍ତି। ଶାବର ଶ୍ରୀକ୍ଷେତ୍ର ବାହୁଡ଼ା ଯାତ୍ରାରେ ଯୋଗଦେବା ପାଇଁ କୋରାପୁଟ ଆସିଥିବାବେଳେ ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଆୟୋଜିତ ବୈଠକରେ ସେ କର୍ମୀ-ନେତାଙ୍କୁ ଭେଟିଛନ୍ତି। ଜିଲାର ବିକାଶ ପାଇଁ ଏବେ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ ସେ ସଂସଦ ଗୃହରେ ପ୍ରତିବାଦ ଜଣାଇବେ ବୋଲି କହିଥିଲେ। ସେହିପରି କୋରାପୁଟ-ରାୟଗଡ଼ା ରେଳପଥର ଦୋହରିକରଣ, ଜୟପୁର-ଭୁବନେଶ୍ୱର ମଧ୍ୟରେ ଦିନରେ ଏକ ଟ୍ରେନ ଚଳାଚଳ, ଥେରୁବାଲି-ଗୁଣପୁର ରେଳଲାଇନର ଉନ୍ନତିକରଣ ପାଇଁ ଅଧିକ ପାଣ୍ଠି ଦେବା ପାଇଁ ସେ ଗୃହରେ ଦାବି ଜଣାଇବେ ବୋଲି କହିଥିଲେ। ପ୍ରତି ଗାଁ ଗସ୍ତକରି ଲୋକଙ୍କ ସମସ୍ୟା ଦୂର କରିବାକୁ ଚେଷ୍ଟା କରିବା ପାଇଁ ସେ ଦଳୀୟ ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ପୂର୍ବତନ ବିଧାୟକ ନିମାଇଁ ସରକାର, ଜିଲା କଂଗ୍ରେସ ସାଧାରଣ ସଂପାଦକ କୃଷ୍ଣ କୁଲଦୀପ, ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା ପିସିସ ସଦସ୍ୟ ଜଗଦୀଶ ଖୋସ୍ଲା, କୋରାପୁଟ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ରୁପକ କୁମାର ତୁରୁକ, ବରିଷ୍ଠ କଂଗ୍ରେସ ନେତା ମନୋଜ ଖୋସ୍ଲା ଉପସ୍ଥିତ ଥିଲେ।

■ ଏସ୍‌ଟିଏସ୍‌ସି ବିଭାଗ ଜୁନିୟର କଲେଜ

# ଭିତ୍ତିଭୂମି ଥାଇ ପୂରଣ ହେଉନି ସିଟ୍

**ଜୟପୁର,୧୩।୭(ଡି.ଏନ୍.ଏ.)**

ଆର୍ଥିକ ସ୍ୱଚ୍ଛଳ ନ ଥିବା ଆଦିବାସୀ ଓ ଦଳିତ ପରିବାରର ପିଲାଙ୍କୁ ବିଜ୍ଞାନ ବିଷୟରେ ଉଚ୍ଚଶିକ୍ଷା ଦେବା ପାଇଁ ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ବିଭାଗ ବିଭିନ୍ନ ଜିଲାରେ ଯୁକ୍ତ୨ ବିଜ୍ଞାନ ମହାବିଦ୍ୟାଳୟ (ଜୁନିୟର କଲେଜ) ପ୍ରତିଷ୍ଠା କରିଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପାଠପଢ଼ା ଭବନ, କାର୍ଯ୍ୟାଳୟ, ପରୀକ୍ଷାଗାର, ଗ୍ରନ୍ଥାଗାର, ଛାତ୍ରୀଛାତ୍ର ନିବାସ ନିର୍ମାଣ କରାଯାଇଛି । କିନ୍ତୁ ଏହି ବିଭାଗର ଅନ୍ୟ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକରେ ପାସ୍ କରିଥିବା ଛାତ୍ରୀଛାତ୍ର ଏହି ମହାବିଦ୍ୟାଳୟରେ ନାମଲେଖା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି।

ଜୟପୁର ବ୍ଲକ ବାମୁଣିପୁଟ ଗ୍ରାମସ୍ଥିତ ବିଭାଗୀୟ ଉଚ୍ଚ ବିଦ୍ୟାଳୟକୁ ଅପଗ୍ରେଡ କରାଯାଇ ଏଠାରେ ୨୦୧୭-୧୮ରେ ଯୁକ୍ତ ୨ ବିଜ୍ଞାନ କଲେଜ ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ ପ୍ରଥମଥର ଅନଲାଇନ ନାମଲେଖା ପାଇଁ କଟଅଫ୍ ଲିଷ୍ଟ ଅନୁଯାୟୀ ମାତ୍ର ୬ ଜଣ ଆବେଦନ କରିଥିଲେ, କିନ୍ତୁ ଏବେସୁଦ୍ଧା ମାତ୍ର ଜଣେ ଦାଖିଲା ନେଇଛନ୍ତି । ଅବଶିଷ୍ଟ ୫ଜଣ ଅନ୍ୟ ଜୁନିୟର କଲେଜରେ ନାମ ଲେଖାଇଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତଦୁଇ ନାମଲେଖା ବେଳେ ଅନଲାଇନରେ ଥିବା ନିୟମ ଯୋଗୁ ଛାତ୍ରୀଛାତ୍ର ସନ୍ଦେହରେ ରହୁଛନ୍ତି ବୋଲି କେତେକ ଶିକ୍ଷକ ଓ ଅଭିଭାବକ କହିଛନ୍ତି । ପ୍ରକାଶ ଯେ, ବାମୁଣିପୁଟ ସ୍ଥିତ ଏହି ମହାବିଦ୍ୟାଳୟରେ ୨୦୧୮ରେ ୬୪ଟି ସିଟ୍ ମଧ୍ୟରୁ ୬୨ଜଣ ବିଦ୍ୟାର୍ଥୀ ନାମ ଲେଖାଇଥିଲେ। ଏହାର ଛାତ୍ରୀ ନିବାସରେ ୩୩ ଜଣ ଅନୁସୂଚିତ ଜନଜାତି ଓ ଜଣେ ଅନୁସୂଚିତ ଜାତିର ଛାତ୍ରୀ, ଛାତ୍ର ନିବାସରେ ୨୧ ଅନୁସୂଚିତ ଜନଜାତି, ୫ଜଣ ଅନୁସୂଚିତ ଜାତି ଏବଂ ଜଣେ ପଛୁଆ ବର୍ଗର ଛାତ୍ର ରହୁଛନ୍ତି। ଏଠାରେ କେବଳ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଓ ପରୀକ୍ଷାଗାର ସହାୟକଙ୍କୁ ନିଯୁକ୍ତି ଦିଆଯାଇନାହିଁ। ସେହିପରି ପରୀକ୍ଷାଗାର ଗୃହ ନିର୍ମାଣ ହୋଇଥିଲେ ସୁଦ୍ଧା ଉପକରଣ ନଥିବା ଯୋଗୁ ପ୍ରଥମ ବର୍ଷରେ ପ୍ରାକ୍ଟିକାଲ ହୋଇପାରିନାହିଁ। ଏନେଇ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ସାହୁ କହିଛନ୍ତି, ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ର ଏଠାରେ ପାଠ ପଢ଼ିବା ପାଇଁ ସଚେତନତା ସହ ଅନ୍ୟ ବ୍ୟବସ୍ଥା କରାଯାଉଛି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ